# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-

ECHO OF HIS CALL 1969-2019 GOLDEN JUBILEE

REACHING NATIONS

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXV | JANUARY 2024 | No.11


### ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଯିରିମିୟ ୩୧:୨୩-୨୮)

୨୩ ସୈନ୍ୟାଧିପତି ସଦାପ୍ରଭୁ ଇସ୍ରାଏଲର ପରମେଶ୍ୱର
ଏହି କଥା କହନ୍ତି: ଆମ୍ଭେ ଯେଉଁ ସମୟରେ
ସେମାନଙ୍କର ବନ୍ଦୀତ୍ୱାବସ୍ଥା ପରିବର୍ତ୍ତନ କରିବା,
ସେସମୟରେ ଯିହୁଦା ଦେଶରେ ଓ ତହିଁର
ନଗରସକଳରେ ସେମାନେ ପୁନର୍ବାର ଏହି କଥା
ବ୍ୟବହାର କରିବେ, "ହେ ଧର୍ମନିବାସ, ହେ ପବିତ୍ର
ପର୍ବତ, ସଦାପ୍ରଭୁ ତୁମ୍ଭକୁ ଆଶୀର୍ବାଦ କରନ୍ତୁ ।"

୨୪ ପୁଣି, ଯିହୁଦା ଓ ତହିଁର ନଗରସକଳ, ଆଉ କୃଷକ
ଓ ପଲ ନେଇ ଭ୍ରମଣକାରୀମାନେ ତହିଁ ମଧ୍ୟରେ
ଏକତ୍ର ବାସ କରିବେ ।

୨୫ କାରଣ ଆମ୍ଭେ କ୍ଳାନ୍ତ ପ୍ରାଣକୁ ପରିତୃପ୍ତ କରିଅଛୁ,
ପ୍ରତ୍ୟେକ ଦୁଃଖିତ ପ୍ରାଣକୁ ପରିପୂର୍ଣ୍ଣ କରିଅଛୁ ।

୨୬ ଏଥିରେ ମୁଁ ଜାଗ୍ରତ ହୋଇ ଦେଖିଲି ଓ ମୋର
ନିଦ୍ରା ମୋ' ପ୍ରତି ସୁଖଦାୟକ ଥିଲା ।

୨୭ ସଦାପ୍ରଭୁ କହନ୍ତି, ଦେଖ, ଯେଉଁ ସମୟରେ ଆମ୍ଭେ
ଇସ୍ରାଏଲ-ବଂଶ ଓ ଯିହୁଦା-ବଂଶ ମଧ୍ୟରେ
ମନୁଷ୍ୟ ଓ ପଶୁରୂପ ବୀଜ ବପନ କରିବା, ଏପରି
ସମୟ ଆସୁଛି ।

୨୮ ଆଉ, ଆମ୍ଭେ ଯେପରି ସେମାନଙ୍କୁ ଉତ୍ପାଟନ,
ଭଗ୍ନ, ନିପାତ ଓ ବିନାଶ କରିବାକୁ ଓ କ୍ଳେଶ
ଦେବାକୁ ଜଗି ରହିଲୁ; ସେପରି ସେମାନଙ୍କୁ ନିର୍ମାଣ
ଓ ରୋପଣ କରିବା ପାଇଁ ଜଗି ରହିବା, ଏହା
ସଦାପ୍ରଭୁ କହନ୍ତି ।

# ତୁମ୍ଭେମାନେ ଆମ୍ଭର ଉତ୍ତମତାରେ ପରିତୃପ୍ତ ହେବ !

## ଏହା ସଦାପ୍ରଭୁ କହନ୍ତି – ଯିରିମିୟ ୩୧:୧୪

**YOU SHALL BE SATISFIED WITH MY GOODNESS! says the Lord - Jeremiah 31:14.**



ଈଶ୍ୱର ଏହି ବାର୍ତ୍ତା ମାଧମରେ ତାଙ୍କର ସନ୍ତାନମାନଙ୍କୁ କଥା କହିବେ ଯେଉଁମାନେ ୨୦୨୪ରେ ସେମାନଙ୍କ ଜୀବନରେ କ'ଣ ଘଟିବ, ଏହାକୁ ଜାଣିବା ପାଇଁ ଆଗ୍ରହୀ ଅଟନ୍ତି । ଦୟାକରି ଯତ୍ନର ସହିତ ପଢ଼ନ୍ତୁ ।

**ସମ୍ମାନନୀୟ, ମୁଖ୍ୟ ସଂପାଦିକା, ରେଭ୍.ଆଞ୍ଜେଲାଇନ୍ ସେଲ୍‌ଭାକୁମାରୀ**

ଆମର **"ଆହ୍ୱାନର ପ୍ରତିଧ୍ୱନି"** ପରିବାରର ସମସ୍ତ ସଦସ୍ୟଙ୍କୁ ଏକ ଆନନ୍ଦମୟ ଓ ଆଶୀଷଭରା ନୂତନ ବର୍ଷର ଅଭିନନ୍ଦନ !

ଆମ **"ଆହ୍ୱାନର ପ୍ରତିଧ୍ୱନି"** ସେବାକାର୍ଯ୍ୟ ପ୍ରତି ଆପଣମାନଙ୍କ ନିରବଚ୍ଛିନ୍ନ ସହାୟତା ନିମନ୍ତେ ଅତି ଧନ୍ୟବାଦ ଜଣାଉଅଛୁ । ଈଶ୍ୱର ତାଙ୍କର ସମସ୍ତ ଉତ୍ତମତା ପାଇଁ କୃତଜ୍ଞତା ପ୍ରକାଶ କରିବା ନିମନ୍ତେ ଆମକୁ ଅନୁଗ୍ରହ ପୂର୍ବକ ଏକ ନୂତନ ବର୍ଷ ପ୍ରଦାନ କରିଛନ୍ତି । ଆପଣମାନଙ୍କର ଉଦ୍‌ଯୋଗପୂର୍ଣ୍ଣ ପ୍ରାର୍ଥନା ଓ ପ୍ରେମପୂର୍ଣ୍ଣ ଅର୍ଥଦାନ ମାଧମରେ ହିଁ ଆମେ ପୃଥିବୀର ହଜାର ହଜାର ଲୋକଙ୍କ ନିକଟରେ ପହଞ୍ଚି ପାରିଛୁ । ଆମେ ସର୍ବଦା ଆପଣମାନଙ୍କର ସହାୟତା ନିମନ୍ତେ କୃତଜ୍ଞ ଅଟୁ । ଜଗତରେ ସୁସମାଚାର ସମ୍ବନ୍ଧୀୟ ଭରସାକୁ ପ୍ରସାରିତ କରିବାରେ ଆପଣମାନଙ୍କର ସମୟ ଓ ଅଶ୍ରୁପୂର୍ଣ୍ଣ ପ୍ରାର୍ଥନା ବିନିଯୋଗ କରିଥିବାରୁ

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)




**ଆହ୍ୱାନର ପ୍ରତିଧ୍ୱନିର**

*ୟୁ-ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !*

**ଆପଣମାନେ ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍‌ଙ୍କ ସହିତ**


୫ ମିନିଟ୍‌ର ବାର୍ତ୍ତା !!

**ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ**

**ପ୍ରତିଦିନ ଭୋର ୨ ଟାରେ**

ତାମିଲ ରବିବାର ଉପାସନା – ସକାଳ ୮.୩୦ରେ

ECHO OF HIS CALL - (1969-2019 GOLDEN JUBILEE YEAR)
REACHING NATIONS



# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...



**ଆମର ମିଶନ ପଲିସୀ**

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

HON. EDITOR-IN-CHIEF
Rev. Angeline S. Kumari, M.A., M.Sc., M.Ed.
MANAGING EDITOR
Pastor Alex Samson Sam, B.Th., M.Div.
GENERAL MANAGER
Bro. N. Prakasam, M.A., M.Sc.(C&P), PGDHRM, MBA.
ADMINISTRATION
Sis. Jesy Veena Sam
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)
EDITORIAL BOARD
Dr. Serena Bevin, M.A., M.Phil., B.Ed.
Sis. Sajini Cherian
Sis. L. Mariya Anjalin, M.A., M.Sc., B.Ed.
Rev. Dr. K.R. Rajasekaran

EDITOR, PUBLISHER & PRINTER
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 98412 71858 95661 31858
E.MAIL
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.com
YOUTUBE CHANNEL
Echo of His Call

**"ତୁମ୍ଭେ ଆପଣା ମଙ୍ଗଳ ଭାବରେ ବର୍ଷକୁ ମୁକୁଟ ପିନ୍ଧାଇଥାଅ"** ଗୀତ ୬୫:୧୧

## ପ୍ରିୟ ଭାଇ ଓ ଭଉଣୀମାନେ,

**"ଆପଣମାନଙ୍କ ପ୍ରତି ଅନୁଗ୍ରହ ବର୍ତ୍ତୁ ଓ ଶାନ୍ତି ବହୁଗୁଣିତ ହେଉ" ୧ ପିତର ୧:୨**

ଏହି ସଂପାଦକୀୟଟି ଲେଖିବା ପାଇଁ ଈଶ୍ୱର ମୋତେ ସୁଯୋଗ ଦେଇଥିବାରୁ, ମୁଁ ତାଙ୍କ ପ୍ରତି କୃତଜ୍ଞ ଅଟେ । ମୋର ପିତା, ପାଳକ ଏସ୍.ସାମ୍.ସେଲ୍‌ଭାରାଜ ଯାତ୍ରା ଓ ଅନ୍ୟାନ୍ୟ କାର୍ଯ୍ୟରେ ଅତି ବ୍ୟସ୍ତ ରହିଥିବାରୁ ସେ ଏହି କାର୍ଯ୍ୟର ଭାର ମୋ' ଉପରେ ନ୍ୟସ୍ତ କରିଥିଲେ । ମୁଁ, ବିଗତ ଅନେକ ବର୍ଷ ଧରି ଆପଣମାନଙ୍କର ପ୍ରେମ ଓ ଆମ ସହିତ ରଖିଥିବା ବନ୍ଧୁତା ପାଇଁ ଆନ୍ତରିକ ଭାବରେ ଆପଣମାନଙ୍କୁ ପ୍ରଶଂସା କରୁଅଛି ।



ପାଳକ ଆଲେକ୍ସ ସାମ୍‌ସନ୍ ସାମ୍

୨୦୨୩ରେ ଡିସେମ୍ବରରେ, ପ୍ରଭୁ ଆମକୁ ଏପରି ଅନେକ ବ୍ୟକ୍ତିଙ୍କ ନିକଟରେ ସୁସମାଚାର ପହଞ୍ଚାଇବା ପାଇଁ ଆଶ୍ଚର୍ଯ୍ୟଜନକ ସୁଯୋଗ ପ୍ରଦାନ କରିଥିଲେ, ଯେଉଁମାନେ ସୁସମାଚାର ଜାଣି ନ ଥିଲେ । ଆମର ନୂତନ ବର୍ଷର ଉପାସନା ମଧ୍ୟ ଈଶ୍ୱରଙ୍କ ଆଶୀର୍ବାଦରେ ପୂର୍ଣ୍ଣ ଥିଲା । ଆମେ ଦୃଢ଼ ବିଶ୍ୱାସ କରୁଅଛୁ ଯେ ୨୦୨୪ ମଧ୍ୟ ଆପଣ ଓ ଆପଣମାନଙ୍କ ପରିବାର ପ୍ରତି ଆହୁରି ଅଧିକ ଫଳପୂର୍ଣ୍ଣ ଆଶୀର୍ବାଦ ଆଣି ଦେବ ।

ଆମେ ନିୟମିତ ଭାବେ ଆପଣମାନଙ୍କ ନିମନ୍ତେ ପ୍ରାର୍ଥନା କରୁଅଛୁ ଓ ଇଂରାଜୀ, ତାମିଲ, ହିନ୍ଦୀ ଓ ତେଲୁଗୁ ଭାଷାରେ ଆମର **"ଆହ୍ୱାନର ପ୍ରତିଧ୍ୱନି ୟୁଟ୍ୟୁବ୍ ଚ୍ୟାନେଲ"** ମାଧ୍ୟମରେ ଆମର ଦୈନିକ ଉପାସନା ଆପଣମାନଙ୍କ ନିକଟକୁ ପ୍ରସାରଣ କରୁଅଛୁ । ଏହା ସହିତ, ଆମେ ଅନ୍ୟ ଭାଷାଗୁଡ଼ିକରେ ପ୍ରସାରଣ କରିବା ପାଇଁ ଆଶା ରଖିଅଛୁ । **"ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ"**ର ସମୃଦ୍ଧି ନିମନ୍ତେ ଆମେ ଆପଣମାନଙ୍କର ଉଦ୍‌ଯୋଗପୂର୍ଣ୍ଣ ପ୍ରାର୍ଥନା ଆବଶ୍ୟକ କରୁଅଛୁ ।



ନିହିମିୟା ବାଇବଲ କଲେଜର ନେତୃବର୍ଗ

**"ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ"** ନିମନ୍ତେ ଆପଣମାନଙ୍କର ପ୍ରାର୍ଥନା ଓ ଅର୍ଥ ସହାୟତା ଯୋଗୁ ଆମେ ଗଭୀର କୃତଜ୍ଞତା ଜଣାଉଅଛୁ । ଏହି ପରିପ୍ରେକ୍ଷୀରେ, ଆମେ ଆମର **"ନିହିମିୟା ବାଇବଲ କଲେଜ"** ବିଷୟରେ ଆପଣମାନଙ୍କୁ ସ୍ମରଣ କରାଇ ଦେବା ପାଇଁ ଇଚ୍ଛା କରୁଅଛୁ ଯେଉଁଠାରେ ବର୍ତ୍ତମାନ ତାମିଲ ଓ ହିନ୍ଦୀ ଭାଷାରେ ପାଠ ପଢ଼ା ଚାଲିଅଛି । ଆମେ ନୂତନ ବର୍ଷ ମଧ୍ୟରେ ପ୍ରବେଶ କରୁଥିବା ସମୟରେ, କଲେଜରେ

Our Ministries: ECHO OF HIS CALL Monthly Magazines (16 languages) BIBLECOR - Postal Courses (3 languages) YouTube Ministry Online Courses Theological Correspondence Courses (2 languages) Church Planting Nehemiah Bible Colleges Gospel Printing Press Great Commission Partners St. Paul's Matriculation School Crusades Community Development

*ଇଂରାଜୀ ଭାଷାର ପାଠ୍ୟକ୍ରମ ମଧ୍ୟ ଯୋଗ କରିବାକୁ ଯୋଜନା କରିଅଛୁ । ଆମେ ଅତି ଆନନ୍ଦର ସହିତ ଏହା ଘୋଷଣା କରୁଅଛୁ ଯେ ଆମେ ସମ୍ମାନସ୍ପଦ ସ୍ୱୀକୃତି ପ୍ରଦାନକାରୀ ଅନୁଷ୍ଠାନ –* ***"ଏସିଆ ଥିଓଲୋଜିକାଲ ଆସୋସିଏସନ୍"*** *ଠାରୁ ସ୍ୱୀକୃତି ପାଇବାର ଅନ୍ତିମ ପର୍ଯ୍ୟାୟରେ ଅଛୁ । ଆମେ ସେମାନଙ୍କଠାରୁ ସ୍ୱୀକୃତି ପାଇବା ପାଇଁ ପଞ୍ଜିକୃତ ସଦସ୍ୟତା ପାଇ ସାରିଛୁ । ଆମର ନିହିମିୟା ବାଇବଲ କଲେଜକୁ ଦକ୍ଷତାର ସହିତ ପରିଚାଳନା କରୁଥିବା ଓ ଏହାକୁ ପରବର୍ତ୍ତୀ ସ୍ତରରେ ପହଞ୍ଚାଇବା ପାଇଁ ସାହାଯ୍ୟ କରୁଥିବା ଆମର ସମସ୍ତ ସହକର୍ମୀମାନଙ୍କ ପାଇଁ, ଦୟାକରି ପ୍ରାର୍ଥନା କରନ୍ତୁ ।*

*ଆହୁରି ମଧ୍ୟ, ଆମର ସମସ୍ତ ସେବାକାର୍ଯ୍ୟ, ଯଥା –* ***ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ, ୧୬ଟି ଭାଷାରେ ମାସିକ ପତ୍ରିକା, ବହୁଭାଷା ବିଶିଷ୍ଟ ମଣ୍ଡଳୀଗୁଡ଼ିକ, ବାଇବଲ କୋର କରେସ ପଣ୍ଡେସ ପାଠ୍ୟକ୍ରମ, ଥିଓଲୋଜିକାଲ କରେସପଣ୍ଡେସ ପାଠ୍ୟକ୍ରମ, ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ, ସୁସମାଚାର ଛାପାକଳ ଓ ଆମର ସହଯୋଗୀ ସେବାକାର୍ଯ୍ୟ,*** *ଇତ୍ୟାଦି ନିମନ୍ତେ ପ୍ରାର୍ଥନା ଅବ୍ୟାହତ ରଖନ୍ତୁ ।*

***"ସଦାପ୍ରଭୁ ତୁମ୍ଭକୁ ଆଶୀର୍ବାଦ କରନ୍ତୁ ଓ ତୁମ୍ଭକୁ ରକ୍ଷା କରନ୍ତୁ ଓ ତୁମ୍ଭକୁ ଅନୁଗ୍ରହ କରନ୍ତୁ । ସଦାପ୍ରଭୁ ତୁମ୍ଭ ଉପରେ ଆପଣା ମୁଖ ଉଠାଉନ୍ତୁ ଓ ତୁମ୍ଭକୁ ଶାନ୍ତି ଦେଉନ୍ତୁ" (ଗଣନା ୬:୨୪–୨୬) ।***

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**

ପାଳକ ଆଲେକ୍ସ ସାମ୍‌ସନ୍ ସାମ୍

ପାଳକ ଏସ୍.ସାମ୍.ସେଲ୍‌ଭାରାଜ

(+91) 98412 71858 / 98410 71858,

E.mail : sam@echoofhiscall.org

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

ଈଶ୍ୱର କେବଳ ଆପଣଙ୍କୁ ନୁହେଁ, ମାତ୍ର ଆପଣଙ୍କର ଭବିଷ୍ୟତ ବଂଶଧରମାନଙ୍କୁ ମଧ୍ୟ ଆଶୀର୍ବାଦ କରିବେ । ତାହା ଈଶ୍ୱରଙ୍କ ଲୋକମାନଙ୍କ ନିମନ୍ତେ ତାଙ୍କର ପ୍ରତିଜ୍ଞା ଅଟେ । ଆସନ୍ତୁ, ଏହି ମହାନ୍ କାର୍ଯ୍ୟ ଅବ୍ୟାହତ ରଖିବା ପାଇଁ ଆମେ ଏକତ୍ରିତ ହେବା ।

ଏହି ବର୍ଷ ଯେପରି ଆମର ଉତ୍ତମ ପ୍ରଭୁ ଈଶ୍ୱରୀୟ ଜ୍ଞାନ, ବୁଦ୍ଧି, ଉତ୍ତମ ସ୍ୱାସ୍ଥ୍ୟ, ଶକ୍ତି ଓ ମନର ଶାନ୍ତି ସହିତ ଏହି ଜଗତରେ ଯାତ୍ରା କରିବା ପାଇଁ ଆପଣଙ୍କୁ ଜ୍ଞାନ ପ୍ରଦାନ କରିବେ, ଏଥିପାଇଁ ମୁଁ ପ୍ରାର୍ଥନା କରୁଅଛି । ସର୍ବୋପରି, ସେ ତାଙ୍କ ଉତ୍ତମତାରେ ଆପଣଙ୍କୁ ପରିତୃପ୍ତ କରନ୍ତୁ ।

ବାଇବଲ କହିଛି, **"... ଆମ୍ଭର ଲୋକମାନେ ଆମ୍ଭର ଉତ୍ତମତା ଦ୍ୱାରା ପରିତୃପ୍ତ ହେବେ..."** (ଯିରିମିୟ ୩୧:୧–୧୪) ।

ବର୍ଷ ଆରମ୍ଭରେ ଆମ ପାଇଁ କେତେ ସୁନ୍ଦର ପ୍ରତିଜ୍ଞା ! **"ଆମ୍ଭର ଲୋକମାନେ ଆମ୍ଭର 'ଉତ୍ତମତା' ଦ୍ୱାରା ପରିତୃପ୍ତ ହେବେ ।"** ଏହାର ଅର୍ଥ ହେଉଛି – ମୁଁ ଅସନ୍ତୁଷ୍ଟ କିମ୍ବା ଅଭାବଗ୍ରସ୍ତ ହେବି ନାହିଁ । ମୋର ଈଶ୍ୱର ଏହି ବର୍ଷ ମୋର ସମସ୍ତ ଆବଶ୍ୟକତା ପୂରଣ କରିବେ । ଏହି ବର୍ଷ ଈଶ୍ୱରଙ୍କର ଉତ୍ତମତାର ଅନୁଭୂତି ପାଇବାର ଓ ସେ ଯାହା ଯୋଗାନ୍ତି, ସେଥିରେ ସନ୍ତୁଷ୍ଟ ରହିବାର ଏକ ବର୍ଷ ହେବ । **"... ଚକ୍ଷୁ ଯାହା ଦେଖି ନାହିଁ, କର୍ଣ୍ଣ ଯାହା ଶୁଣି ନାହିଁ, ଆଉ ମନୁଷ୍ୟର ହୃଦୟରେ ଯାହା ଜାତ ହୋଇ ନାହିଁ, ସେ ସମସ୍ତ ବିଷୟ ଈଶ୍ୱର ଆପଣା ପ୍ରେମକାରୀ ଲୋକମାନଙ୍କ ନିମନ୍ତେ ପ୍ରସ୍ତୁତ କରିଅଛନ୍ତି"** (୧ କରିନ୍ଥୀୟ ୨:୯) । ଈଶ୍ୱର ଏହିପରି ଭାବରେ ଏହି ବର୍ଷ ଆମକୁ ଚାଳନା ଦେବେ । ଆପଣ ଆନନ୍ଦିତ ନୁହଁନ୍ତି କି ? ମୁଁ ଅତି ଖୁସି ଆଟେ କାରଣ ସେ ତାଙ୍କ ପ୍ରତିଜ୍ଞା ପ୍ରତି ବିଶ୍ୱସ୍ତ ଅଟନ୍ତି ।

# ଈଶ୍ୱରଙ୍କର ଉତ୍ତମତା

ଆମର ସ୍ୱର୍ଗସ୍ଥ ପିତା ଈଶ୍ୱର ଆମକୁ ଅନେକ ଉତ୍ତମ ବିଷୟ ଦେଇ ଆଶୀର୍ବାଦ କରି ସାରିଛନ୍ତି । କିନ୍ତୁ, ଶୟତାନ ଆମର ମନ ଓ ଆମର ଦୃଷ୍ଟିକୋଣକୁ ବିକୃତ କରି ଆମର ଚତୁଃପାର୍ଶ୍ୱସ୍ଥ ଆଶୀର୍ବାଦଗୁଡ଼ିକୁ ଅଣଦେଖା କରିବା ପାଇଁ ଆମକୁ ପ୍ରରୋଚିତ କରେ ।

ଆସନ୍ତୁ, ଆମେ ଏଦନ ଉଦ୍ୟାନର ଦୃଷ୍ଟାନ୍ତକୁ ପରୀକ୍ଷା କରିବା । ଈଶ୍ୱର ଆଦମ ଓ ହବାଙ୍କୁ ଆଶୀର୍ବାଦ କରି ଆଦିପୁସ୍ତକ ୧:୨୬–୨୮,୩୦ରେ କହିଥିଲେ,

**"ଆମ୍ଭେମାନେ ଆପଣା ପ୍ରତିମୂର୍ତ୍ତିରେ ଓ ଆପଣା ସାଦୃଶ୍ୟରେ ମନୁଷ୍ୟର ନିର୍ମାଣ କରୁ । ସେମାନେ ... କର୍ତ୍ତୃତ୍ୱ କରନ୍ତୁ (ଶାସନ, ରାଜତ୍ୱ କରନ୍ତୁ) । ... ଆଉ ପରମେଶ୍ୱର ସେମାନଙ୍କୁ ଆଶୀର୍ବାଦ କଲେ, ପୁଣି ପରମେଶ୍ୱର ସେମାନଙ୍କୁ କହିଲେ, ପ୍ରଜାବନ୍ତ ଓ ବହୁବଂଶ ହୁଅ, ପୁଣି ପୃଥିବୀକୁ ପରିପୂର୍ଣ୍ଣ କରି ବଶୀଭୂତ କର, ଆଉ ଜଳଚର ମତ୍ସ୍ୟଗଣ ଓ ଖେଚର ପକ୍ଷୀଗଣ ଓ ଭୂଚର ଉରୋଗାମୀ ଜନ୍ତୁଗଣ ଉପରେ କର୍ତ୍ତୃତ୍ୱ କର । ... ପରମେଶ୍ୱର ଆପଣା ନିର୍ମିତ ପ୍ରତ୍ୟେକ ବସ୍ତୁ ପ୍ରତି ଦୃଷ୍ଟିପାତ କଲେ, ଆଉ ଦେଖ, ସମସ୍ତ ଅତ୍ୟୁତ୍ତମ ।"**

ଏହା ସହିତ ଆଦିପୁସ୍ତକ ୨:୧୭ରେ ଈଶ୍ୱର ଆଜ୍ଞା କରିଥିଲେ, **"ମାତ୍ର ସଦ୍ ସଦ୍ ଜ୍ଞାନଦାୟକ ବୃକ୍ଷର ଫଳ ଭୋଜନ କରିବ ନାହିଁ । ଯେହେତୁ ଯେଉଁଦିନ ତାହା ଖାଇବ ସେହିଦିନ ନିତାନ୍ତ ମରିବ ।"**

ଈଶ୍ୱର ଘୋଷଣା କରିଥିଲେ ଯେ ଆମେ ପ୍ରତ୍ୟେକ ବିଷୟ ଉପରେ କର୍ତ୍ତୃତ୍ୱ କରିବୁ, ମାତ୍ର ଆଜିର ଜଗତରେ ଏପରି ମନେହୁଏ ଯେପରି ଆମ ଚତୁପାର୍ଶ୍ୱସ୍ଥ ପ୍ରତ୍ୟେକ ବିଷୟ, ଏପରିକି ଆମର ଫୋନ ଓ ଯନ୍ତ୍ରବିଜ୍ଞାନ ଆମ ଉପରେ କର୍ତ୍ତୃତ୍ୱ କରୁଅଛି ।

ଶୟତାନ କିପରି ଈଶ୍ୱରଙ୍କ ବାକ୍ୟକୁ ବିକୃତ କରିଥିଲା, ତାହା ଲକ୍ଷ୍ୟ କରନ୍ତୁ : **"... ତୁମ୍ଭେମାନେ କୌଣସି ରୂପେ ମରିବ ନାହିଁ । ବରଞ୍ଚ ପରମେଶ୍ୱର ଜାଣନ୍ତି, ତୁମ୍ଭେମାନେ ଯେଉଁ ଦିନ ତାହା ଖାଇବ, ସେହିଦିନ ତୁମ୍ଭମାନଙ୍କ ଚକ୍ଷୁ ପ୍ରସନ୍ନ ହେବ, ତହିଁରେ ତୁମ୍ଭେମାନେ ପରମେଶ୍ୱରଙ୍କ ପରି ଭଲ ଓ ମନ୍ଦର ଜ୍ଞାନ ପାଇବ"** (ଆଦିପୁସ୍ତକ ୩:୪,୫) ।

ଏଠାରେ ଆମେ ଆଦମ ଓ ହବାଙ୍କ ମନରେ ଏହି ଧାରଣା ସୃଷ୍ଟି କରିବା ପାଇଁ ଈଶ୍ୱରଙ୍କ ଆଦେଶକୁ ବକ୍ର କରି ଦେଇଥିଲା ଯେ ସେମାନେ ମରିବେ ନାହିଁ, ମାତ୍ର ଈଶ୍ୱରଙ୍କ ସଦୃଶ ହେବେ । ଶୟତାନ ତା'ର ପ୍ରସ୍ତାବକୁ ଈଶ୍ୱରଙ୍କ ଯୋଗାଣ ଅପେକ୍ଷା ଅଧିକ ଶ୍ରେଷ୍ଠ ଓ ଅଧିକ ଶକ୍ତିପୂର୍ଣ୍ଣ ଭାବରେ ଉପସ୍ଥାପନ କରେ । ଏହି କୌଶଳ କାହିଁକି ପରିଚିତ ମନେହୁଏ ? କାରଣ ଆଜି ମଧ୍ୟ ଶୟତାନ ଲୋକମାନଙ୍କୁ ଈଶ୍ୱରଙ୍କ ପଥରୁ ବିଚ୍ୟୁତ କରିବା ପାଇଁ ସେହି ସମାନ କୌଶଳ ପ୍ରୟୋଗ କରେ । ଆମର ପ୍ରିୟ ଯୀଶୁ ଆମକୁ ଯାହା ଯାଚୁଛନ୍ତି, ତାହା ଅପେକ୍ଷା ଜାଗତିକ ବିଷୟଗୁଡ଼ିକୁ ସେ ଶ୍ରେଷ୍ଠତର ଓ ଅଧିକ ଶକ୍ତିପୂର୍ଣ୍ଣ ଭାବରେ ଉପସ୍ଥାପନ କରେ ।

ଶେଷରେ, ଯେତେବେଳେ ଆଦମ ଓ ହବା ଶୟତାନର କଥା ଶୁଣିଲେ, ସେତେବେଳେ ସେମାନେ ସେମାନଙ୍କ ଜୀବନର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ହରାଇ ଦେଲେ ।

**"ତହିଁରେ ସେମାନଙ୍କ ଚକ୍ଷୁ ପ୍ରସନ୍ନ ହୁଅନ୍ତେ, ସେମାନେ ନିଜ ଉଲଙ୍ଗତାର ବୋଧ ପାଇ ଡିମ୍ବିରି ବୃକ୍ଷର ପତ୍ର ସିଇଁ ଘାଘରା ବନାଇଲେ – ମାତ୍ର ସେମାନେ ସେମାନଙ୍କର ଶାନ୍ତି ଓ ଆନନ୍ଦ ହରାଇ ନିଜ ନିଜକୁ ଲୁଚାଇ ଦେଇଥିଲେ"** (ଆଦିପୁସ୍ତକ ୩:୭–୧୦) ।

**"... ସଦାପ୍ରଭୁ ପରମେଶ୍ୱର ଏଦନ ଉଦ୍ୟାନରୁ ତାଙ୍କୁ ବାହାର କରିଦେଲେ ଓ ସେ ଯେଉଁ ମୃତ୍ତିକାରୁ ନୀତ ହୋଇଥିଲା, ତହିଁରେ କୃଷିକର୍ମ କରିବାକୁ ତାଙ୍କୁ ନିଯୁକ୍ତ କଲେ"** (ଆଦିପୁସ୍ତକ ୩:୨୩) ।

ସେ ଆଦମଙ୍କୁ କହିଲେ, **"... ତୁମ୍ଭ ସକାଶେ ଭୂମି ଶାପଗ୍ରସ୍ତ ହେଲା, ତୁମ୍ଭେ ଯାବଜ୍ଜୀବନ କ୍ଳେଶରେ ତହିଁରୁ ଭକ୍ଷ୍ୟ ପାଇବ । ତହିଁରେ କଣ୍ଟା ଓ ଗୋଖର ଗଛ ଜାତ ହେବ, ପୁଣି ତୁମ୍ଭେ କ୍ଷେତ୍ରର ଶାକ ଭୋଜନ କରିବ । ତୁମ୍ଭେ ଯେଉଁ ମୃତ୍ତିକାରୁ ଗୃହୀତ ହେଲ, ତହିଁରେ ନ ମିଶିବା ପର୍ଯ୍ୟନ୍ତ ମୁଖର ଝାଳରେ ଆହାର କରିବ..."** (ଆଦିପୁସ୍ତକ ୩:୧୭-୧୯) ।

ସେମାନେ ଈଶ୍ୱରଙ୍କର ଉତ୍ତମତାକୁ ହରାଇ ଦେଇଥିଲେ । ଈଶ୍ୱରଙ୍କ ସହଭାଗିତାର ଆନନ୍ଦକୁ ହରାଇ ଦେଇଥିଲେ । **"ଆନନ୍ଦ ଈଶ୍ୱରଙ୍କର ଉତ୍ତମତାର ଫଳ ଅଟେ"** (ପ୍ରେରିତ ୧୪:୧୭) ।

ସେ ଆକାଶରୁ ବୃଷ୍ଟି ବର୍ଷାଇବା ଦ୍ୱାରା ଓ ଋତୁ ଅନୁସାରେ ଶସ୍ୟ ପ୍ରଦାନ କରିବା ଦ୍ୱାରା ନିଜର ଦୟା (ଉତ୍ତମତା) ପ୍ରଦର୍ଶନ କରିଛନ୍ତି । ସେ ଆପଣଙ୍କୁ ପ୍ରଚୁର ଖାଦ୍ୟ ଯୋଗାଇ ଆପଣଙ୍କ ହୃଦୟକୁ ଆନନ୍ଦିତ କରନ୍ତି ।

ଆମ ମଧ୍ୟରୁ ଅନେକେ ଆନନ୍ଦ ଓ ଖୁସି ମଧ୍ୟରେ ଦ୍ୱନ୍ଦ୍ୱଗ୍ରସ୍ତ ହୁଅନ୍ତି । ସେଥିପାଇଁ ମୁଁ ଏହି ଦୁଇଟି ମଧ୍ୟରେ ପାର୍ଥକ୍ୟ ଜାଣିବାକୁ ଚେଷ୍ଟା କରିଥିଲି :

- ✸ ଆନନ୍ଦ ଗୋଟିଏ ଛୋଟ ଶବ୍ଦ ଅଟେ । ଖୁସି କିମ୍ବା ସୁଖ ବୃହତ୍ତର ଅଟେ ।
- ✸ ଆନନ୍ଦ ହୃଦୟରେ ଥାଏ । ଖୁସି ମୁଖରେ ଥାଏ ।
- ✸ ଆନନ୍ଦ ପ୍ରାଣର ବିଷୟ ଅଟେ । ଖୁସି ମୁହୂର୍ତ୍ତକ ପାଇଁ ଥାଏ ।
- ✸ ଆନନ୍ଦ ଊର୍ଦ୍ଧ୍ୱସ୍ଥ ବିଷୟ । ଖୁସି ପ୍ରତିକ୍ରିୟା ଦେଖାଏ ।
- ✸ ଆନନ୍ଦ ଶାନ୍ତି ଓ ସନ୍ତୋଷ ଦିଏ, ଆବିଷ୍କୃତ ହେବା ପାଇଁ ଅପେକ୍ଷା କରେ ।
- ✸ ଆନନ୍ଦ ଗଭୀରତା ମଧ୍ୟରେ ଥାଏ ଓ ଉଚ୍ଛୁଳି ଉଠେ, ମାତ୍ର ଖୁସି କେବଳ ସମ୍ଭାଷଣରେ ରହିଯାଏ ।
- ✸ ଆନନ୍ଦ ଏକ ଅଭ୍ୟାସ ଓ ଏକ ଆଚରଣ ଅଟେ । ଏହା ବିଚାରଶୀଳ ଓ ଉଦ୍ଦେଶ୍ୟମୂଳକ । ସୁଖ (ଖୁସି) ଆସେ ଓ ଯାଏ ।
- ✸ ଆନନ୍ଦ ପ୍ରଭାବଶାଳୀ ଓ ଶାସ୍ତ୍ର ଉଲ୍ଲିଖିତ ଅଟେ ।
- ✸ ଚିନ୍ତିତ ହୁଅ ନାହିଁ । ଆନନ୍ଦ କର । "ସୁଖ ଏକ ମଲମ ଅଟେ । ବ୍ୟସ୍ତ ହୁଅ ନାହିଁ, ଖୁସି ରୁହ ।"
- ✸ ଆନନ୍ଦ ଏକ ଆଭ୍ୟନ୍ତରୀଣ ଅନୁଭବ ଅଟେ । ଖୁସି ଏକ ବାହ୍ୟ ପରିପ୍ରକାଶ ଅଟେ ।
- ✸ ଆନନ୍ଦ କଷ୍ଟ ଓ ପରୀକ୍ଷା ସହ୍ୟ କରେ ଓ ଅର୍ଥ ଏବଂ ଉଦ୍ଦେଶ୍ୟ ସହିତ ସଂଯୁକ୍ତ ଅଟେ ।

ଜଣେ ବ୍ୟକ୍ତି ଖୁସି ପଛରେ ଦୌଡ଼େ ମାତ୍ର ଆନନ୍ଦକୁ ମନୋନୀତ କରେ ।

ପ୍ରାୟତଃ, ଶାନ୍ତି ଓ ଆନନ୍ଦ ପାଖାପାଖି ଥାଆନ୍ତି । ଯେଉଁଠାରେ ଶାନ୍ତି ଥାଏ, ସେଠାରେ ଆନନ୍ଦ ଥାଏ ଓ ଯେଉଁଠାରେ ଆନନ୍ଦ ଥାଏ, ସେଠାରେ ଶାନ୍ତି ଥାଏ । ସେଗୁଡ଼ିକ ଯମଜ ଭଉଣୀ ସଦୃଶ । ଆନନ୍ଦ ଈଶ୍ୱରଙ୍କର ଗୋଟିଏ ଉତ୍ତମତା ଅଟେ ଓ ସେ ଆମ ହୃଦୟକୁ ତାଙ୍କ ଆନନ୍ଦ ଦ୍ୱାରା ପରିପୂର୍ଣ୍ଣ କରି ସନ୍ତୁଷ୍ଟ କରିବା ପାଇଁ ପ୍ରତିଜ୍ଞା କରିଛନ୍ତି ।

ନିହିମିୟା ୮:୧୦ରେ ଲେଖାଅଛି, **"ସଦାପ୍ରଭୁଙ୍କର ଆନନ୍ଦ ମୋର ବଳ ଅଟେ ।"**

କିନ୍ତୁ ଶୟତାନ ଈଶ୍ୱରଙ୍କର ଉତ୍ତମତା ସମ୍ବନ୍ଧୀୟ ଆମର ଦୃଷ୍ଟିକୋଣକୁ ବିକୃତ କରିବାକୁ ଚେଷ୍ଟା କରେ, ଯେପରି ସେ ହବାଙ୍କ କ୍ଷେତ୍ରରେ କରିଥିଲା । ଈଶ୍ୱର ଆମକୁ ଯାହା ଦେଇଛନ୍ତି, ତା' ଅପେକ୍ଷା ଅଧିକ ଲାଳସା କରିବା ପାଇଁ ଶୟତାନ ଆମକୁ ପ୍ରଲୋଭିତ କରେ ଓ ନିମ୍ନଲିଖିତ ବିଷୟ ଦିଗକୁ କଡ଼ାଇ ନିଏ :

## ୧. ଅସନ୍ତୋଷ

ଈଶ୍ୱର ଆଦମ ଓ ହବାଙ୍କ ନିକଟରେ ଯାହା ପ୍ରତିଜ୍ଞା କରିଥିଲେ, ସେଥିରେ ହବା ସନ୍ତୁଷ୍ଟ ନ ଥିଲେ । ଅସନ୍ତୋଷ ଈଶ୍ୱରଙ୍କ ଉତ୍ତମତା ବିରୁଦ୍ଧରେ ପ୍ରଥମ ଶତ୍ରୁ ଅଟନ୍ତି । ଯେତେବେଳେ ଆମେ ନିଜକୁ ନିଜେ କହୁ, "ମୋ' ନିକଟରେ ତାହା ଥାଆନ୍ତା କି ! କିମ୍ବା "ମୁଁ ଆହୁରି ଅଧିକ ଚାହେଁ", ସେତେବେଳେ ଈଶ୍ୱର ଦେଇଥିବା ବିଷୟକୁ ଆମେ ପ୍ରଶଂସା କରୁ ନ ଥାଉ ଓ ସେଥିରେ ସନ୍ତୁଷ୍ଟ ନ ଥାଉ । ମାତ୍ର ଯଦି ଆମେ ସନ୍ତୁଷ୍ଟ ରହିବା, ତେବେ ଆମେ ଆନନ୍ଦର ଅନୁଭୂତି ପାଇବା ।

ରୋମୀୟ ୧୫:୧୩ **"ଆମକୁ ସ୍ମରଣ କରାଇ ଦିଏ ଯେ ସେହି ଭରସାର ଈଶ୍ୱର ତୁମ୍ଭମାନଙ୍କୁ ବିଶ୍ୱାସ ଦ୍ୱାରା ସମସ୍ତ ଆନନ୍ଦ ଓ ଶାନ୍ତିରେ ପରିପୂର୍ଣ୍ଣ କରନ୍ତୁ, ଯେପରି ତୁମ୍ଭେମାନେ ପବିତ୍ର ଆତ୍ମାଙ୍କ ଶକ୍ତିରେ ଭରସାର ପ୍ରଚୁରତା ଅନୁଭବ କର ।"**

ଅସନ୍ତୋଷ ଆମର ଆନନ୍ଦକୁ ଚୋରି କରେ, ଯାହା ଈଶ୍ୱର କରିଥିବା ପ୍ରତିଜ୍ଞାର ବିପରୀତ ଅଟେ । ଏହା ପରିବର୍ତ୍ତେ, ଆମେ ଈଶ୍ୱରଙ୍କ ଉତ୍ତମତାରେ ସନ୍ତୁଷ୍ଟ ହେବା ଉଚିତ । ଆସନ୍ତୁ, ଈଶ୍ୱର ଆମକୁ ଯାହା ଦେଇଛନ୍ତି, ସେଥିରେ ଆମେ ଖୁସି ରହିବା ଓ ସନ୍ତୁଷ୍ଟ ରହିବା ଶିକ୍ଷା କରିବା ଓ ଏହି ବର୍ଷର ଆରମ୍ଭରେ କୃତଜ୍ଞ ହେବା ।

## ୨. ନୈରାଶ୍ୟ

ଆମର ଆନନ୍ଦକୁ ହରଣ କରିବା ପାଇଁ ଶୟତାନ ସୃଷ୍ଟି କରିଥିବା ଅନ୍ୟ ଗୋଟିଏ ଦ୍ୱନ୍ଦ୍ୱ ହେଉଛି, "ନୈରାଶ୍ୟ" । ଯେତେବେଳେ କୌଣସି ପ୍ରତ୍ୟାଶା ଥାଏ, ସେତେବେଳେ ନୈରାଶ୍ୟ ନିଶ୍ଚୟ ଥାଏ ।

ଆମେ ଯାହା ପ୍ରାର୍ଥନା କରୁ ଓ ଆଶା କରୁ, ଠିକ୍ ସେହିପରି ଭାବରେ ଈଶ୍ୱର ଆମକୁ ଉତ୍ତର ଦିଅନ୍ତୁ ବୋଲି ଆମେ ପ୍ରାୟ ଆଶା କରୁ । ଯେତେବେଳେ ଆମର

*(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)*


# नहेम्याह बाइबल कॉलेज
## रेसिडेन्शल कॉलेज, चेन्नई।

माध्यमः हिन्दी

*सदस्यता के लिए पंजीकृत उम्मीदवार* - ATA

सुविख्यात अंतर्राष्ट्रीय मसीही अगुवे तथा पिछले 54 वर्षों से सेवारत वरिष्ठ पासवान

**Certificate in Ministry**
**Diploma in Theology**

योग्यता 10 वी या अधिक
जल्दी करें!

**Contact : The Chairman, Nehemiah Bible College.**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org

★ ऑनलाइन कक्षाएं उपलब्ध हैं ★

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୪ ଜାନୁୟାରୀ ୧୯ ରୁ ୨୦୨୪ ଫେବୃୟାରୀ ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ପ୍ରଶଂସାର ବିଷୟ

ଜାନୁୟାରୀ ୧୯ ⇨ ଆମର ମୁଖ୍ୟ ଓ ଶାଖା ମଣ୍ଡଳୀ ଗୁଡ଼ିକରେ ବଡ଼ଦିନ ଓ ନୂତନ ବର୍ଷକୁ ଅର୍ଥପୂର୍ଣ୍ଣ ଓ ପ୍ରଭାବଶାଳୀ ମାର୍ଗରେ ପାଳନ କରିବା ପାଇଁ ଆମକୁ ସମର୍ଥ କରିଥିବାରୁ ।

ଜାନୁୟାରୀ ୨୦ ⇨ ଆମର ପ୍ରାର୍ଥନା ସାଥୀ, ସଭ୍ୟସଭ୍ୟା, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ, ମହାଆଦେଶ ସାଥୀଗଣ ଓ ସେମାନଙ୍କ ପରିବାର ପ୍ରତି ଦୟା ପ୍ରଦର୍ଶନ କରିଥିବାରୁ ।

ଜାନୁୟାରୀ ୨୧ ⇨ ଆମର ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀଗୁଡ଼ିକର ପାଳକ ଓ ବରିଷ୍ଠ ନେତାମାନଙ୍କୁ ଆଶୀର୍ବାଦ କରିଥିବାରୁ ।

ଜାନୁୟାରୀ ୨୨ ⇨ ଆମର ‘‘ଗ୍ଲୋବାଲ୍ ଭିଜନ୍ ଫର୍ ୟୁଥ୍ ଏଣ୍ଡ କିଡ୍ କେୟାର’’ ସେବାକାର୍ଯ୍ୟ ଉପରେ ଆଶୀର୍ବାଦ କରିଥିବାରୁ ।

ଜାନୁୟାରୀ ୨୩ ⇨ ସୁସମାଚାର ଜାଣି ନ ଥିବା ଲୋକମାନଙ୍କ ନିକଟରେ ୫ ମିନିଟର ବାର୍ତ୍ତା ଜଣାଇବା ପାଇଁ ଆମର ୟୁ-ଟ୍ୟୁବ ସେବାକାର୍ଯ୍ୟ ଉପରେ ଆଶୀର୍ବାଦ କରିଥିବାରୁ ।

ଜାନୁୟାରୀ ୨୪ ⇨ ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ, ନିହିମିୟା ବାଇବଲ କଲେଜ ଓ ଥିଓଲୋଜିକାଲ୍ କରେସପଣ୍ଡେସ୍ ପାଠ୍ୟକ୍ରମର ସମସ୍ତ କାର୍ଯ୍ୟ ନିମନ୍ତେ ।

ଜାନୁୟାରୀ ୨୫ ⇨ ଆମ ଛାପାକଳରେ ଛପାଯାଇ ମିଶନ କ୍ଷେତ୍ରଗୁଡ଼ିକୁ ପ୍ରେରଣ କରାଯାଉଥିବା ୧୬ଟି ଭାଷାର ପତ୍ରିକାଗୁଡ଼ିକ ଉପରେ ତାଙ୍କର ଆଶୀର୍ବାଦ ନିମନ୍ତେ ।

ଜାନୁୟାରୀ ୨୬ ⇨ ପୂର୍ବ ମାସରେ ଆମର ସମସ୍ତ ଅର୍ଥନୈତିକ ଓ ଆତ୍ମିକ ଆବଶ୍ୟକତା ପୂରଣ କରିଥିବାରୁ ।

ଜାନୁୟାରୀ ୨୭ ⇨ ଆମର କ୍ଷେତ୍ର ମିଶନେରୀ ଓ ସେମାନଙ୍କ ପରିବାର ଉପରେ ଆଶୀର୍ବାଦ କରିଥିବାରୁ ।

ଜାନୁୟାରୀ ୨୮ ⇨ ବିଭିନ୍ନ ସେବାକାର୍ଯ୍ୟ ମାଧ୍ୟମରେ ସୁସମାଚାର ପ୍ରଚାର କରିବା ପାଇଁ ଆମ ବରିଷ୍ଠ ପାଳକଙ୍କ ପ୍ରତିବଦ୍ଧତା ନିମନ୍ତେ ।

ଜାନୁୟାରୀ ୨୯ ⇨ ଆମର ‘‘ଆହ୍ୱାନର ପ୍ରତିଧ୍ୱନି’’ର ସମସ୍ତ କର୍ମଚାରୀ ଓ ସେମାନଙ୍କର ପରିବାରଗୁଡ଼ିକ ଉତ୍ତମ ସ୍ୱାସ୍ଥ୍ୟ ଓ ସ୍ୱର୍ଗୀୟ ସୁରକ୍ଷା ପ୍ରଦାନ କରିଥିବାରୁ ।

ଜାନୁୟାରୀ ୩୦ ⇨ ଆମର ୨୦୨୪ ମାସିକ କ୍ୟାଲେଣ୍ଡର ଛପାଇବା ଓ ପ୍ରେରଣ କରିବା କାର୍ଯ୍ୟ ସମାପ୍ତ କରିବା ପାଇଁ ଆମକୁ ଅନୁଗ୍ରହ ଦେଇଥିବାରୁ ।

ଜାନୁୟାରୀ ୩୧ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍‌ଭାରାଜ ଓ ତାଙ୍କ ପରିବାରକୁ ସମସ୍ତ ମନ୍ଦଶକ୍ତିରୁ ସୁରକ୍ଷା ଦେଇଥିବାରୁ ।

ଫେବୃୟାରୀ ୧ ⇨ ଆମର ସାଥୀମାନଙ୍କର ପ୍ରାର୍ଥନା ଓ ଅର୍ଥ ସହାୟତା ଦ୍ୱାରା ଆମକୁ ଆଶୀର୍ବାଦ କରିଥିବାରୁ ।

ଫେବୃୟାରୀ ୨ ⇨ ଆମର ସମସ୍ତ ସହଯୋଗୀ ସଂପାଦକ ଓ ସେମାନଙ୍କ ପରିବାର ସଦସ୍ୟମାନଙ୍କୁ ଆଶୀର୍ବାଦ କରିଥିବାରୁ ।

ଫେବୃୟାରୀ ୩ ⇨ ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀଗୁଡ଼ିକରେ ଆମର ରବିବାର ଉପାସନାରେ ଈଶ୍ୱରଙ୍କ ବାକ୍ୟର ଶକ୍ତି ନିମନ୍ତେ ।

## ପ୍ରାର୍ଥନାର ବିଷୟ

ଫେବୃୟାରୀ ୪ ⇨ ସମସ୍ତ ଖ୍ରୀଷ୍ଟିଆନ ଅନୁଷ୍ଠାନ ଓ ମଣ୍ଡଳୀଗୁଡ଼ିକ ଉପରେ ଆଶୀର୍ବାଦ ଓ ସୁରକ୍ଷା ପାଇଁ ।

ଫେବୃୟାରୀ ୫ ⇨ ଆମ କାର୍ଯ୍ୟାଳୟର ଓ ଛାପାକଳର କର୍ମଚାରୀମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ।

ଫେବୃୟାରୀ ୬ ⇨ ଆମର ସାଂଧ ଓ ଆବାସିକ ନିହିମିୟା ବାଇବଲ କଲେଜର ଛାତ୍ରମାନଙ୍କର ସୁରକ୍ଷା ନିମନ୍ତେ ।

ଫେବୃୟାରୀ ୭ ⇨ ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ ଚ୍ୟାନେଲରେ ଅଧିକ ଭାଷାରେ ପାଳକ ଏସ୍.ସାମ୍.ସେଲ୍‌ଭାରାଜଙ୍କର ବାର୍ତ୍ତାର ପ୍ରସାରଣ ନିମନ୍ତେ ।

ଫେବୃୟାରୀ ୮ ⇨ ଆମର ଯେଉଁ ସହକର୍ମୀମାନେ ଆମ ନିହିମିୟା ବାଇବଲ କଲେଜ ପାଇଁ ପାଠ୍ୟକ୍ରମର ବିଷୟବସ୍ତୁଗୁଡ଼ିକୁ ଶିକ୍ଷା ଦେଉଛନ୍ତି ଓ ଅନୁବାଦ କରୁଛନ୍ତି, ସେମାନଙ୍କ ନିମନ୍ତେ ।

ଫେବୃୟାରୀ ୯ ⇨ ଇସ୍ରାଏଲ, ପାଲେଷ୍ଟାଇନ, ରୁଷିଆ ଓ ୟୁକ୍ରେନରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ।

ଫେବୃୟାରୀ ୧୦ ⇨ ‘କୋହା’ ସଫ୍ଟୱେରରେ ନିହିମିୟା ବାଇବଲ କଲେଜର ଲାଇବ୍ରେରୀ ପୁସ୍ତକଗୁଡ଼ିକୁ ସମସାମୟିକ କରିବା ନିମନ୍ତେ ।

ଫେବୃୟାରୀ ୧୧ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍‌ଭାରାଜ ଓ ତାଙ୍କ ପରିବାର ଯେପରି ସମସ୍ତ ପ୍ରକାର ମନ୍ଦଶକ୍ତିରୁ ସୁରକ୍ଷା ପାଇବେ ।

ଫେବୃୟାରୀ ୧୨ ⇨ ପୃଥିବୀରେ ଦେଖା ଦେଇଥିବା ଅର୍ଥନୈତିକ ସଙ୍କଟ ଯେପରି ଶେଷ ହେବ ।

ଫେବୃୟାରୀ ୧୩ ⇨ ମିଶନେରୀ ଓ ଈଶ୍ୱରଙ୍କ ଦାସମାନଙ୍କ ବିରୁଦ୍ଧରେ ଚାଲିଥିବା ହିଂସା ଯେପରି ବନ୍ଦ ହେବ ।

ଫେବୃୟାରୀ ୧୪ ⇨ ପୃଥିବୀର ସମସ୍ତ ମହିଳା ଓ ଶିଶୁମାନଙ୍କର ସୁରକ୍ଷା ନିମନ୍ତେ ।

ଫେବୃୟାରୀ ୧୫ ⇨ ନିଜ ଆତ୍ମ-ଜୀବନୀ ଲେଖିବାରେ ଆମ ବରିଷ୍ଠ ପାଳକଙ୍କର ସଫଳତା ନିମନ୍ତେ ।

ଫେବୃୟାରୀ ୧୬ ⇨ ‘ଆହ୍ୱାନର ପ୍ରତିଧ୍ୱନି’ର ଯୁବ ଓ ପ୍ରଚାର ସେବାକାର୍ଯ୍ୟ ନିମନ୍ତେ ।

ଫେବୃୟାରୀ ୧୭ ⇨ ଏହି ବର୍ଷ ‘‘ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ’’ ପାଇଁ ଆବଶ୍ୟକୀୟ ଅର୍ଥ ନିମନ୍ତେ ।


ଫେବୃୟାରୀ ୧୮ ⇨ ପୃଥିବୀର ସମଗ୍ର ଦେଶରୁ କରୋନା ଭୂତାଣୁ ଓ ନୂତନ ସଂକ୍ରମଣର ଦୂରୀକରଣ ନିମନ୍ତେ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ଇଚ୍ଛା ପୂରଣ ହୁଏ ନାହିଁ, ସେତେବେଳେ ଆମେ ନିରାଶ ଓ ନିରୁତ୍ସାହିତ ହୋଇଯାଉ । ଆମେ ଯେଉଁ ସମସ୍ୟା ଓ ଆହ୍ୱାନଗୁଡ଼ିକର ସମ୍ମୁଖୀନ ହେଉ, ସେଗୁଡ଼ିକ ଆମକୁ ନିମ୍ନରୁ ନିମ୍ନ ପର୍ଯ୍ୟନ୍ତ ଟାଣି ନେବା ଭଳି ମନେହୁଏ ଓ ସେଥିପାଇଁ ଆମେ ନୈରାଶ୍ୟ ଅନୁଭବ କରୁ । ଉଦାହରଣ ସ୍ୱରୂପ, ଆମେ ହୁଏତ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଚାକିରୀ ପାଇଁ ଇଚ୍ଛା କରିଥିବୁ, ମାତ୍ର ଯେତେବେଳେ ଏହାକୁ ପାଇବୁ, ସେତେବେଳେ ଏହା ଉପଲବ୍‌ଧି କରିବୁ ଯେ ଏହା କେତେଗୁଡ଼ିଏ ଆହ୍ୱାନ ଓ ଚାପର ସହିତ ଆସିଛି । କାର୍ଯ୍ୟଭାର ହୁଏତ ଅତିରିକ୍ତ ହୁଏ ଓ ଏହା ଆଉ ଆମର ପ୍ରାରମ୍ଭିକ ପ୍ରତ୍ୟାଶାକୁ ସନ୍ତୁଷ୍ଟ କରେ ନାହିଁ, ଯେପରିକି – **"ମୁଁ ଭାବିଥିଲି, ଏହା ଏହିପରି ହେବ କିମ୍ୱା ଏହା ସେହିପରି ହେବ ।"**

ଚାପପୂର୍ଣ୍ଣ ପରିସ୍ଥିତି ଆମକୁ ଅପୂର୍ଣ୍ଣ ପ୍ରତ୍ୟାଶା ଦିଗକୁ କଢ଼ାଇ ନେଇପାରେ ଓ ଏହାକୁ ଉପଲବ୍‌ଧି କରିବା ବିନା ଆମେ ଶୋକ ଓ ଅଭିଯୋଗ କରିପାରୁ । ଏହି ପ୍ରକ୍ରିୟାରେ, ଆମେ ଆମର ଶାନ୍ତି ଓ ଆନନ୍ଦ ହରାଇ ଦେଉ ଓ ମୋର ବନ୍ଧୁ, ଏହା ହିଁ ଏପରି ବିଷୟ ଯାହାକୁ ଈଶ୍ୱର ସହ୍ୟ କରିପାରନ୍ତି ନାହିଁ ।

ଇସ୍ରାଏଲୀୟମାନେ ମିଶରକୁ ପରିତ୍ୟାଗ କରିବା ସମୟରେ ଏହି ବିଷୟର ଅନୁଭୂତି ପାଇଥିଲେ । ସଦାପ୍ରଭୁଙ୍କ ନିକଟରେ ୪୩୦ ବର୍ଷ ଧରି କ୍ରନ୍ଦନ କରିବା ପରେ, **ସେମାନେ ଦିବସରେ ଏକ ମେଘସ୍ତମ୍ଭ ଓ ରାତ୍ରିରେ ଏକ ଅଗ୍ନିସ୍ତମ୍ଭ ସହିତ ତାଙ୍କ ଦ୍ୱାରା ପରିଚାଳିତ**



*ମେଘ ସ୍ତମ୍ଭ ଓ ଅଗ୍ନି ସ୍ତମ୍ଭ*

**ହୋଇଥିଲେ** (ଯାତ୍ରା ୧୩:୨୧) । ସେମାନେ ଆନନ୍ଦରେ ପରିପୂର୍ଣ୍ଣ ହୋଇଥିଲେ ଓ ତାଙ୍କ ନାମର ପ୍ରଶଂସା କରିବା ପାଇଁ ଧର୍ମଶାସ୍ତ୍ରର ଗୋଟିଏ ସଂପୂର୍ଣ୍ଣ ଅଧ୍ୟାୟ ଉତ୍ସର୍ଗ କରିଥିଲେ (୧୫ ଅଧ୍ୟାୟ) । ସେମାନେ ନୃତ୍ୟ କରିଥିଲେ, ଗୀତ ଗାନ କରିଥିଲେ, ଆନନ୍ଦ କରିଥିଲେ ଓ ଉତ୍ସବ ପାଳନ କରିଥିଲେ ।

ମନେରଖନ୍ତୁ, ଆପଣ ଈଶ୍ୱରଙ୍କର ନିକଟବର୍ତ୍ତୀ ହେବା ସମୟରେ, ଶୟତାନ ଆପଣଙ୍କ ପଥ ମଧ୍ୟକୁ ଆହ୍ୱାନ ଓ ମୋଡ଼ ଆଣିବ । **ତିନିଦିନ ଧରି ପାନୀୟ ଜଳ ନ ପାଇବା ସମୟରେ ସେମାନେ ଏକ ଆହ୍ୱାନର**



*ସେମାନଙ୍କ ଅଭିଯୋଗ*

**ସମ୍ମୁଖୀନ ହୋଇଥିଲେ** (ଯାତ୍ରା ୧୫:୨୨) ଓ ଅଭିଯୋଗ କରିବା ଆରମ୍ଭ କରିଥିଲେ । ଯେଉଁ ଈଶ୍ୱର ସେମାନଙ୍କୁ ବନ୍ଧନ, ଅଭିଶାପ ଓ ଦାସତ୍ୱ ମଧ୍ୟରୁ ବାହାର କରି ସ୍ୱାଧୀନତା ଦେଇଥିଲେ, ସେହି ଈଶ୍ୱରଙ୍କର ଉତ୍ତମତାକୁ ସେମାନେ ଭୁଲି ଯାଇଥିଲେ । ଏହା ଦୁର୍ଭାଗ୍ୟର ବିଷୟ ଯେ ଆମର ଦୁର୍ବଳ ସ୍ମରଣ ଶକ୍ତି ଯୋଗୁ ଆମେ ଅତି ସହଜରେ ଈଶ୍ୱରଙ୍କର ଈଶ୍ୱରଙ୍କର ଉତ୍ତମତାକୁ ଭୁଲି ଯାଉ ।

**ସେମାନେ ଅଭିଯୋଗ କରିବା ଆରମ୍ଭ କରିଥିଲେ** (ଯାତ୍ରା ୧୫:୨୪) । ଆମେ କେତେଥର ଈଶ୍ୱରଙ୍କର ଉତ୍ତମତାକୁ ଭୁଲି ଯାଇ ଅଭିଯୋଗ କରିଅଛୁ ।

ସେମାନେ କେବଳ ତିନିଦିନ ଧରି ଜଳ ନ ପାଇବାରୁ ଓ ସେମାନଙ୍କର ଆଶା ପୂରଣ ନ ହେବାରୁ ସେମାନେ



*୭୦ଟି ଖଜୁରୀ ବୃକ୍ଷ ସହିତ ୧୨ଟି କୂପ*

ନିରାଶ ହୋଇଥିଲେ । ନୈରାଶ୍ୟ ଆମର ଆନନ୍ଦ ଓ ଶାନ୍ତିକୁ ଚୋରି କରେ ।

ମାତ୍ର ଈଶ୍ୱରଙ୍କ ମାର୍ଗସକଳ ଆମର ଚିନ୍ତା ଅପେକ୍ଷା ଉଚ୍ଚତର ଓ ଶ୍ରେଷ୍ଠତର ଅଟେ । ସେମାନଙ୍କର ଅଭିଯୋଗ ସତ୍ତ୍ୱେ, **ଈଶ୍ୱର ଇସ୍ରାଏଲୀୟମାନଙ୍କ ନିମନ୍ତେ କେବଳ ଗୋଟିଏ କୂପ ନୁହେଁ, ମାତ୍ର ୧୨ଟି କୂପ ପ୍ରସ୍ତୁତ କରିଥିଲେ** (ଯାତ୍ରା ୧୫:୨୭) । ପ୍ରତ୍ୟେକ ଗୋଷ୍ଠୀ ପାଇଁ ଗୋଟିଏ ଗୋଟିଏ । ମୁଁ ଅନୁମାନ କରୁଅଛି ଯେ ଈଶ୍ୱର ସେମାନଙ୍କ ମଧ୍ୟରେ ସମ୍ଭାବନାକୁ ଦେଖି ପାରିଥିଲେ ଓ ସେମାନେ ଯେପରି ଜଳ ନିକଟରେ ତମ୍ବୁ ସ୍ଥାପନ କରିପାରିବେ, ଏଥିପାଇଁ ପ୍ରଚୁର ଜଳ ଯୋଗାଇ ଥିଲେ ।

(ଅବଶିଷ୍ଟାଂଶ ୯ମ ପୃଷ୍ଠାରେ)

## ନିହିମିଆ ବାଇବଲ ସାଂଧ୍ୟ କଲେଜ

**ଚେପକ୍ ଓ ସନ୍ତୋଷପୂରମ୍, ଚେନ୍ନାଇ**

**ମାଧ୍ୟମ ~ ତାମିଲ**

Regd. Candidate for Membership ATA NEHEMIAH BIBLE COLLEGE CHENNAI ★ ECHO OF HIS CALL ★ Estd.: 1969

ସଦସ୍ୟତା ପାଇଁ ପଞ୍ଜୀକୃତ ପ୍ରାର୍ଥୀ – ATA
ବିଗତ ୫୪ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ

**Certificate in Ministry**
**Diploma in Theology**

**ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ**

**ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ !**

ଯୋଗାଯୋଗ : **The Chairman, Nehemiah Bible College.**
**10, MOHAMMED ABDULLAH 2ND STREET, BELLS ROAD, CHEPAUK, CHENNAI - 600 005, INDIA.**
**Phone : (+91-44) 2852 8282, Cell : (+91) 98410 71852 / 95661 31858**
E.mail : sam@echoofhiscall.org / Website : www.echoofhiscall.org

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ବାଇବଲ କୋର – ପତ୍ର ମାଧମରେ ବାଇବଲ ପାଠ୍ୟକ୍ରମ, ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ୱାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ତିନୋଟି କେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଧାରଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ଓ ବଣ୍ଟନ ।
୧୦. ସୁସମାଚାର ଛାପା କଳ – ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ–ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ – ରବିବାର ସକାଳ ଘ. ୮.୩୦ ମିନିଟ୍ ଓ ଅପରାହ୍ନ ୪.୦୦ ଘଟିକା ।
୧୩. ତାମିଲ ଉପାସନା – ରବିବାର ସକାଳ ୮.୦୦ ଓ ସକାଳ ୧୦.୦୦ ।
୧୪. ହିନ୍ଦୀ ଉପାସନା – ରବିବାର ଅପରାହ୍ନ ଘ. ୪.୦୦ ।
୧୫. ତେଲୁଗୁ ପ୍ରାର୍ଥନା ସଭା – ରବିବାର ସନ୍ଧ୍ୟା ଘ. ୫.୦୦ ।
୧୬. ଇଂରାଜୀ ଓ ତାମିଲ ଉପାସନା ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୧୭. ମହିଳାମାନଙ୍କର ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୧୮. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୧୯. କର୍ମଚାରୀମାନଙ୍କର ସଭା – ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୦. ଗୃହ ସଭା – ସୋମବାର, ମଙ୍ଗଳବାର, ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୧. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୨. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର – ପ୍ରଥମ ଶନିବାର ସନ୍ଧ୍ୟା ୫.୩୦ ।
୨୩. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୨୪. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୨୫. ଉପବାସ ପ୍ରାର୍ଥନା – ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୨୬. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୨୭. ପ୍ରାତଃ ଉପାସନା – ପ୍ରତିଦିନ ସକାଳ ଘ. ୫.୩୦ ମିନିଟ୍ ।
୨୮. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୨୯. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଗ. ୯.୦୦ମି ଠାରୁ ରାତ୍ର ୯.୦୦ (ରବିବାର ବ୍ୟତୀତ)

## କେବଳ ଭାରତର ପ୍ରାର୍ଥୀମାନଙ୍କ ପାଇଁ ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ–ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ – ୭୬ ପୃଷ୍ଠା ଓ ତାମିଲ୍‌ରେ – ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ – "ଆପଣଙ୍କ ନିମନ୍ତେ ନୂତନ ଜୀବନ" ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟି ଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**

**The Chairman, Nehemiah Bible College,**
Echo of His Call, Post Box 2957
CHEPAUK, CHENNAI - 600 005.
Ph.: (044) 2852 8282, 2852 9293, 2854 7766,
Cell : 98410 71852, 95661 31858
E.mail : biblecor@yahoo.co.in

## ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମିୟମାନଙ୍କର ଠିକଣା ଡାକ, ପତ୍ର, ଇ–ମେଲ, ହ୍ୱାଟସ୍–ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ **"ଆହ୍ୱାନର ପ୍ରତିଧ୍ୱନି"** ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

**"Echo of His Call Educational Trust"** କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| Account Name | : | ECHO OF HIS CALL EDUCATIONAL TRUST |
| Account Number | : | 1023 2923 805 |
| Bank Name | : | STATE BANK OF INDIA |
| Branch | : | TRIPLICANE, CHENNAI - 600 005 |
| IFSC Code | : | SBIN 0000249 |
| SWIFT Code | : | SBI NIN BB 455 |




# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

(ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*



## ଚେନ୍ନାଇର ବତୀଘର ! CHENNAI LIGHT HOUSE!

*ଆପଣଙ୍କ ଜୀବନର ଅନ୍ଧକାର ଅତିଶୀଘ୍ର ଉଜ୍ଜ୍ୱଳତାରେ ପରିଣତ ହେବ !*

ଅନେକ ବର୍ଷ ପୂର୍ବେ, ମୁଁ ମୋର ସେବାକାର୍ଯ୍ୟରେ ବିଭିନ୍ନ ପ୍ରକାର କଷ୍ଟ ଦ୍ୱାରା ବହୁଭାବରେ ଆକ୍ରାନ୍ତ ହୋଇଥିଲି । ସେହି ସମୟରେ, ମୋ' ମନରେ ଅନେକ ପ୍ରଶ୍ନ ଥିଲା । ମୁଁ ଏହି ଜଗତର ଅନ୍ୟ ଲୋକଙ୍କ ଭଳି ଜୀବନକାଟି, ପ୍ରଭୁଙ୍କ ସେବାକାର୍ଯ୍ୟ ମଧ୍ୟରେ ପ୍ରବେଶ କରି ନ ଥିଲେ, ବରଂ ଭଲ ହୋଇଥାନ୍ତା । ଯଦି ମୁଁ ସେହିପରି କରିଥା'ନ୍ତ, ତେବେ ମୋ' ଜୀବନରେ ସମସ୍ୟା ସୃଷ୍ଟି କରୁଥିବା ଲୋକମାନଙ୍କ ବିରୁଦ୍ଧରେ ମୋର ନିଜସ୍ୱ ମାର୍ଗରେ ଓ ମୋର ନିଜସ୍ୱ ଶକ୍ତି ସହିତ ପ୍ରତିଶୋଧ ନେଇ ପାରିଥା'ନ୍ତି । ଅଧିକନ୍ତୁ, ମୁଁ ମୋର ଅର୍ଥ ସମସ୍ୟାକୁ ସମାଧାନ କରିବା ପାଇଁ କୌଣସି ସଂକ୍ଷିପ୍ତ ମାର୍ଗ ଗ୍ରହଣ କରିପାରିଥାନ୍ତି । ପ୍ରଭୁଙ୍କର ସେବକ ହେବା ମୋର ନିଜସ୍ୱ ଇଚ୍ଛା ଥିଲା କିମ୍ବା ମୋ' ଜୀବନରେ ଏହା ପ୍ରକୃତରେ ଈଶ୍ୱରଙ୍କ ଆହ୍ୱାନ ଥିଲା, ତାହା ମୁଁ ଭାବୁଥିଲି ।

୧୯୭୬ରେ, ମୋ' ମନରେ ଏହିପରି ଭାବନା ଦେଖି, ମୁଁ ମାରିନା ସମୁଦ୍ର କୂଳ ନିକଟରେ ଥିବା ଚେନ୍ନାଇ ଲାଇଟ ହାଉସ୍‌ଠାରେ ଆଣ୍ଠୁଭାଙ୍ଗି ବସିଲି ଓ ରାତ୍ରି ୧୦ଟାରୁ ସାରାରାତି ପ୍ରାର୍ଥନାରେ ସଂଘର୍ଷ କଲି । ସେହି କଷ୍ଟକର ସମୟରେ, ମୋତେ ସାହାଯ୍ୟ କରିବା ପାଇଁ କେହି ମୋ' ନିକଟରେ ନ ଥିଲେ । ସମସ୍ତେ ମୋତେ ପରିତ୍ୟାଗ କରିଥିଲେ । ମୋର ଚକ୍ଷୁ ସେହି ଲାଇଟହାଉସ (ବତୀଘର) ଉପରେ ସ୍ଥିର ରହିଥିଲା ।



କୂଳ ଆଡ଼କୁ ଆସୁଥିବା ଜାହାଜଗୁଡ଼ିକୁ ପଥ ଦର୍ଶାଇବା ପାଇଁ ବତୀଟିକୁ ଏକ ନିର୍ଦ୍ଦିଷ୍ଟ ବେଗରେ ଘୁରିବା ନିମନ୍ତେ ପ୍ରସ୍ତୁତ କରାଯାଇଥିଲା । ସେହି ଘରୁଥିବା ଆଲୋକକୁ ଲକ୍ଷ୍ୟ କରୁଥିବା ସମୟରେ, ମୁଁ ଦେଖିଲି ଯେ ଏହା ପ୍ରାୟ ୧୫ ସେକେଣ୍ଡେ ପର୍ଯ୍ୟନ୍ତ ଅତି ଉଜ୍ଜ୍ୱଳ ଦିଶୁଥିଲା ଓ ଏହାପରେ ପୁଣି ପରବର୍ତ୍ତୀ ୧୦ ସେକେଣ୍ଡେ ପର୍ଯ୍ୟନ୍ତ ନିଷ୍ପ୍ରଭ ଓ ଅନ୍ଧକାରାଚ୍ଛନ୍ନ ହୋଇ ଯାଉଥିଲା ।

ମୁଁ ଆଲୋକ ଓ ଅନ୍ଧାରର ଏହି ଅଦଳବଦଳ ପଦ୍ଧତିକୁ ଲକ୍ଷ୍ୟ କରୁଥିବା ସମୟରେ ଏକ ନୂତନ ଦୃଷ୍ଟିକୋଣ ପାଇଲି ଓ ଅତି ଉତ୍ସାହିତ ହେଲି । ଏହା ସହିତ, ମୁଁ ଈଶ୍ୱରଙ୍କଠାରୁ ଏହି ସ୍ପଷ୍ଟ ବାର୍ତ୍ତା ପାଇଲି, "ତୁମ ଜୀବନର ଅନ୍ଧକାର ଅତିଶୀଘ୍ର ଉଜ୍ଜ୍ୱଳତାରେ ପରିଣତ ହେବ ।"

ପ୍ରିୟ ପାଠକ, ଆପଣ ବର୍ତ୍ତମାନ ବଡ଼ ବିପଦ ମଧ୍ୟରେ ଅଛନ୍ତି କି କିମ୍ବା ଭୟଙ୍କର କଷ୍ଟର ସମ୍ମୁଖୀନ ହେଉଛନ୍ତି କି ? ନିରୁତ୍ସାହିତ ହୁଅନ୍ତୁ ନାହିଁ । ଆଲୋକ ଓ ଅନ୍ଧକାର ଆସିବ ଓ ଯିବ, ମାତ୍ର ପ୍ରଭୁ ଯୀଶୁ ଖ୍ରୀଷ୍ଟ ସବୁ ସମୟରେ ସ୍ଥିର ରହନ୍ତି । ସେ କାଲି, ଆଜି ଓ ଚିରକାଳ ସମାନ ଅଟନ୍ତି । ଆମର ପିତୃ ପୁରୁଷ ଅବ୍ରହାମ, ଇସ୍‌ହାକ୍ ଓ ଯାକୁବଙ୍କର ଈଶ୍ୱର ଆପଣଙ୍କର ହାତକୁ ଧରିବେ, ଆପଣଙ୍କୁ ସୁରକ୍ଷା ଦେବେ ଓ ରକ୍ଷା କରିବେ ।

*******

*(୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ)*

ଯଦି ଆମେ ବାଇବଲରେ ଦେଖିବା, ତେବେ ଈଶ୍ୱରଙ୍କ ଲୋକମାନେ ନୈରାଶ୍ୟ ମଧ୍ୟ ଦେଇ ଯାଇଥିଲେ ବୋଲି ଲକ୍ଷ୍ୟ କରିବା । ଅବ୍ରହାମ, ନୋହ, ଯାକୁବ, ଶାମୁୟେଲ, ଏଲୀ, ହାନ୍ନା, ଯିରିମିୟ, ଦାଉଦ, ଆୟୁବ, ନିହିମିୟା, ପିତର, ପାଉଲ ଓ ଈଶ୍ୱରଙ୍କ ରାଜ୍ୟର ଅନ୍ୟ ଅନେକ ଶକ୍ତିଶାଳୀ ବ୍ୟକ୍ତି ସମସ୍ତେ ନୈରାଶ୍ୟ ଓ ଭଗ୍ନତାର ଅନୁଭୂତି ପାଇଥିଲେ । ଏହି ପରୀକ୍ଷାଗୁଡ଼ିକ ମଧ୍ୟ ଦେଇ ସେମାନଙ୍କର ବିଶ୍ୱାସକୁ ପରୀକ୍ଷା ଓ ମାର୍ଜିତ କରାଯାଇଥିଲା ଓ ଶେଷରେ ଏହା ସେମାନଙ୍କର ଅଭିବୃଦ୍ଧି ଓ ଈଶ୍ୱରଙ୍କ ଉପରେ ଅଧିକ ନିର୍ଭରଶୀଳ ହେବା ଦିଗରେ କଢ଼ାଇ ନେଇଥିଲା । ମାତ୍ର ସେମାନଙ୍କର ନୈରାଶ୍ୟ ମଧ୍ୟରେ ଈଶ୍ୱର ତାଙ୍କର ଯୋଜନା ସଫଳ କରିଥିଲେ । ସେ ଏହି ବର୍ଷ ଆପଣଙ୍କ ଜୀବନରେ ମଧ୍ୟ ସମାନ କାର୍ଯ୍ୟ କରିବା ପାଇଁ ସମର୍ଥ ଅଟନ୍ତି । ଈଶ୍ୱରଙ୍କର ଏକ ଯୋଜନା ଅଛି ଓ ସେ ଆପଣଙ୍କର ନୈରାଶ୍ୟ ଓ ଭଗ୍ନତା ସତ୍ତ୍ୱେ ଏହାକୁ ସଫଳ କରିବେ । ଆଜି ଆପଣ ନୈରାଶ୍ୟ ଅନୁଭବ କରୁଛନ୍ତି କି ? ଆପଣ ଭଗ୍ନତା ଅନୁଭବ କରୁଛନ୍ତି କି ? ଭରସା ରଖନ୍ତୁ, ଈଶ୍ୱର ଦୃଶ୍ୟ ପଛରେ କାର୍ଯ୍ୟ କରୁଛନ୍ତି । ଆଶା ହରାନ୍ତୁ ନାହିଁ । ସେ ତାଙ୍କ ହାତର ପାପୁଲିରେ ଆପଣଙ୍କୁ ଖୋଦନ କରିଛନ୍ତି ଓ ଆପଣଙ୍କୁ ଭୁଲିବେ ନାହିଁ । ସେ ଆପଣଙ୍କ ଜୀବନରେ ଯାହା ଆରମ୍ଭ କରିଛନ୍ତି, ତାହା ସଂପୂର୍ଣ୍ଣ କରିବେ ।

## ୩. ନିରୁତ୍ସାହ

ଆମେ ଜୀବନରୁ ଈଶ୍ୱରଙ୍କର ଉତ୍ତମତାକୁ ହରଣ କରି ନେବା ପାଇଁ ଶୟତାନ ବ୍ୟବହାର କରୁଥିବା ତୃତୀୟ ଅସ୍ତ୍ର ହେଉଛି, ନିରୁତ୍ସାହ ।

ଆମେ ମାର୍ଥା ଓ ମରିୟମଙ୍କ କାହାଣୀରେ ଏହାର ଏକ ଦୃଷ୍ଟାନ୍ତ ଦେଖୁ । ସେମାନେ ଯୀଶୁଙ୍କ ନିକଟରେ ଅଭିଯୋଗ କରିଥିଲେ, **"...ପ୍ରଭୁ, ଯଦି ଆପଣ**



*ମାର୍ଥା ଓ ମରିୟମଙ୍କର ଯୀଶୁଙ୍କ ନିକଟରେ ଅଭିଯୋଗ*

**ଏଠାରେ ଥାଆନ୍ତେ, ତେବେ ଆମର ଭାଇ ମରି ନ ଥା'ନ୍ତା** (ଯୋହନ ୧୧:୩୨) ।

ବେଳେବେଳେ ଈଶ୍ୱର ପ୍ରିୟଜନମାନଙ୍କୁ ହରାଇବା ଭଳି କ୍ଷତିର ଅନୁଭୂତି ପାଇବା ପାଇଁ ଆମକୁ ଅନୁମତି ଦିଅନ୍ତି । ଆମ ମଧ୍ୟରୁ କେତେଜଣ ହୁଏତ ବିଗତ ବର୍ଷରେ ଏହା ମଧ୍ୟ ଦେଇ ଗତି କରିଥିବେ ଓ ଏହା ଅବିଶ୍ୱସନୀୟ ଭାବେ ନୈରାଶ୍ୟଜନକ ହୋଇପାରେ । ପ୍ରଭୁ କାହିଁକି ହସ୍ତକ୍ଷେପ କରୁ ନାହାଁନ୍ତି କିମ୍ବା କାହିଁକି ପ୍ରାର୍ଥନାର ଉତ୍ତର ଦେଉ ନାହାଁନ୍ତି ବୋଲି ଆମେ ପ୍ରଶ୍ନ କରୁ । କିନ୍ତୁ, **ଯୀଶୁ କାନ୍ଦିଥିଲେ** (ଯୋହନ ୧୧:୩୫) ବୋଲି ବାଇବଲ ଆମକୁ ସ୍ମରଣ କରାଇ ଦେଇଛି । ଆମର ଏପରି ଜଣେ ମହାଯାଜକ ଅଛନ୍ତି ଯିଏ ଆମର ଦୁଃଖ, ଅଶ୍ରୁ ଓ ଭଗ୍ନତାକୁ ବୁଝନ୍ତି । **"କାରଣ ଯେ ଆମ୍ଭମାନଙ୍କର ଦୁର୍ବଳତାରେ ଆମ୍ଭମାନଙ୍କ ପ୍ରତି ସହାନୁଭୂତି ଦେଖାଇବାକୁ ଅସମର୍ଥ, ଆମ୍ଭମାନଙ୍କର ଏପରି ମହାଯାଜକ ନାହାଁନ୍ତି, ବରଂ, ସେ ପାପରହିତ ହୋଇ ଆମ୍ଭମାନଙ୍କ ପରି ସର୍ବତୋଭାବେ ପରୀକ୍ଷିତ ହେଲେ"** (ଏବ୍ରୀ ୪:୧୫) ।

ଯୀଶୁ ସେତେବେଳେ କ୍ରନ୍ଦନ କରନ୍ତି, ଯେତେବେଳେ ଆପଣ କ୍ରନ୍ଦନ କରନ୍ତି । ସେ ସମାନ ଯନ୍ତ୍ରଣା ଅନୁଭବ କରନ୍ତି ଓ ସେ ଆପଣଙ୍କ କ୍ଲେଶ ମଧ୍ୟରେ ଅଛନ୍ତି କାରଣ ଏହା ବିଶ୍ୱାସ ଉତ୍ପନ୍ନ କରେ ବୋଲି ସେ ଜାଣନ୍ତି । ସେଥିପାଇଁ ନିରୁତ୍ସାହିତ ହୁଅନ୍ତୁ ନାହିଁ । ଈଶ୍ୱର ଯୀଶୁ ବେଥାନୀକୁ ଫେରିବାରେ ବିଳମ୍ବ କରିଥିଲେ କାରଣ ସେ ସେମାନଙ୍କର ବିଶ୍ୱାସକୁ ସୁଦୃଢ଼ କରିବା ପାଇଁ ଓ ଏହା ପ୍ରଦର୍ଶନ କରିବା ପାଇଁ ଇଚ୍ଛା କରିଥିଲେ ଯେ ସେ ଆମ ଜୀବନର କର୍ତ୍ତା ଅଟନ୍ତି । ସେ ଘୋଷଣା କରିଥିଲେ, **"... ମୁଁ ପୁନରୁତ୍ଥାନ ଓ ଜୀବନ ..."** (ଯୋହନ ୧୧:୨୫) । ଏହି ବିଶ୍ୱାସକୁ ପ୍ରଦର୍ଶନ କରିବା ପାଇଁ କୌଣସି ଜଣେ ବ୍ୟକ୍ତିଙ୍କୁ – ଜଣେ ଭାଇ, ଜଣେ ବନ୍ଧୁ, ଜଣେ ପୁତ୍ର, ଜଣେ ସ୍ୱାମୀ, ଜଣେ ପିତାଙ୍କୁ – ମୃତ୍ୟୁବରଣ କରିବାକୁ ଥିଲା ଯେପରିକି ସେ ଆମକୁ ସହିଷ୍ଣୁତା ଓ ଧୈର୍ଯ୍ୟ ଶିକ୍ଷା ଦେଇପାରିବେ ।

ବାଇବଲ ଆମକୁ ଉତ୍ସାହିତ କରେ, **"ତୁମ୍ଭେମାନେ ଯେତେବେଳେ ନାନା ପ୍ରକାର ପରୀକ୍ଷାରେ ପରୀକ୍ଷିତ ହୁଅ, ସେତେବେଳେ ତାହା ବିଶେଷ ଆନନ୍ଦର ବିଷୟ ବୋଲି ମନେ କର, ପରୀକ୍ଷା ସିଦ୍ଧ ବିଶ୍ୱାସ ଯେ ଧୈର୍ଯ୍ୟ ଉତ୍ପନ୍ନ କରେ, ଏହା ତ ଜାଣିଅଛ"** (ଯାକୁବ ୧:୨–୩) । ସେଥିପାଇଁ ଆମେ ଆମର ବିଶ୍ୱାସକୁ ପରିତ୍ୟାଗ କରିବା ଉଚିତ ନୁହେଁ । ଆମେ **"ପରିତ୍ୟାଗ କରୁଥିବା ଲୋକ"** ନୋହୁଁ ।

ଏହି ବର୍ଷ, ଆପଣ ଅତୀତରେ ଯାହା ପରିତ୍ୟାଗ କରିଛନ୍ତି, ତାହାକୁ ପୁନର୍ବାର ଆରମ୍ଭ କରିବା ପାଇଁ ଈଶ୍ୱରଙ୍କ ଆପଣଙ୍କୁ ସାମର୍ଥ୍ୟ ଦେବେ । ଏହା ଏକ ପୁନର୍ନିର୍ମାଣର ବର୍ଷ ହେବ ଓ ଆପଣ କାର୍ଯ୍ୟଗୁଡ଼ିକ ସଂପୂର୍ଣ୍ଣ ହୋଇଥିବାର ଦେଖିବେ ।

ଈଶ୍ୱର ଆପଣଙ୍କର କ୍ଲେଶ, ପରାଜୟ, ଲଜ୍ଜା ଓ ବିଫଳତା ମଧ୍ୟରେ ଆପଣଙ୍କ ସହିତ ଚାଲୁଛନ୍ତି । ସେ ଅଗ୍ନି ମଧ୍ୟରେ ଆପଣଙ୍କ ସହିତ ଚାଲୁଥିବା ଚତୁର୍ଥ ବ୍ୟକ୍ତି ଅଟନ୍ତି । ଏହି ବର୍ଷ ହିଁ ଆପଣ ଆପଣଙ୍କର ଧୈର୍ଯ୍ୟର ଫଳ ଦେଖିବେ ।

ସେଥିପାଇଁ, ପ୍ରିୟ ଭାଇ ଓ ଭଉଣୀମାନେ, ଯେତେବେଳେ ଆପଣ କ୍ଲେଶ ଓ ନୈରାଶ୍ୟର ସମ୍ମୁଖୀନ ହୁଅନ୍ତି, ଯେତେବେଳେ ଦୁଃଖ ଆପଣଙ୍କର ଶାନ୍ତି ଓ ଆନନ୍ଦକୁ ହରଣ କରି ନିଏ ଓ ଯେତେବେଳେ ଯୋଜନା ଅନୁସାରେ କାର୍ଯ୍ୟ ସାଧିତ ହୁଏ ନାହିଁ, ସେତେବେଳେ ଏହାକୁ ବିଶୁଦ୍ଧ ଆନନ୍ଦର ବିଷୟ ବୋଲି ବିଚାର କରିବା ପାଇଁ ଭୁଲନ୍ତୁ ନାହିଁ । ଏହା ହିଁ ବାଇବଲ ଆମକୁ ଶିକ୍ଷା ଦିଏ । ଆମର ଏପରି ଜଣେ ମହାଯାଜକ ଅଛନ୍ତି ଯିଏ ଆମ ସହିତ ଏହା ମଧ୍ୟ ଦେଇ ଗତି କରିଛନ୍ତି । ମୋ' ନିକଟରେ, ଆପଣଙ୍କ ନିକଟରେ ଅନ୍ୟ ଜଣେ ବ୍ୟକ୍ତି ଅଗ୍ନି ମଧ୍ୟରେ ଠିଆ ହୋଇଛନ୍ତି । ଈଶ୍ୱରଙ୍କର ଉତ୍ତମତା ଏହି ସମସ୍ତ ମଧ୍ୟରେ ଶାନ୍ତି ଓ ଆନନ୍ଦ ଆଣେ କାରଣ ସେ ଶାନ୍ତିରାଜା ଅଟନ୍ତି ।

ଆପଣ ଏକାକୀ ନୁହଁନ୍ତି ଓ ଆପଣଙ୍କୁ ଏହାର ଏକାକୀ ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ ।

ବିଶ୍ୱାସ ପରିତ୍ୟାଗ କରନ୍ତୁ ନାହିଁ, ଧୈର୍ଯ୍ୟ ଧରନ୍ତୁ ଓ ଯେଉଁଠାରେ ପତିତ ହୋଇଛନ୍ତି, ସେହିଠାରୁ ଉଠନ୍ତୁ ।

ଶୟତାନ ଆପଣଙ୍କୁ ମିଥ୍ୟା କହେ, ମାତ୍ର ତା' କଥା ଶୁଣନ୍ତୁ ନାହିଁ । ଈଶ୍ୱର ଜାଣିଛନ୍ତି ଓ ସେ ଅନୁମତି ଦିଅନ୍ତି ।

* * * * * * *


# URGENT NEED

## VICE PRINCIPAL
for

**ST. PAUL'S MATRICULATION SCHOOL,**
An *Echo of His Call* Institution
Vijayanagaram, Medavakkam,
Chennai - 100.

We need well qualified, experienced, dedicated, hard working and mission oriented Christian.
Apply with Bio-data to
E.mail: sam@echoofhiscall.org
WhatsApp: (+91) 98412 71858



# WANTED for

## NEHEMIAH BIBLE COLLEGE
of ECHO OF HIS CALL, Chennai
(ATA Candidate)

1. **DEAN (Residential):**
   Hindi Theologian with M.Div. / M.Th. Degree & experience.
2. **VICE-PRINCIPAL:**
   English / Tamil / Hindi Theologian with M.Div. / M.Th. & experience.
3. **CO-ORDINATOR:**
   With Computer / Typing knowledge in English, Tamil & Hindi.

Eligible candidates may send bio--data to:
E.mail: sam@echoofhiscall.org
WhatsApp: (+91) 98410 71858


## ଜରୁରୀ ବିଷୟ

ଆମେ ଆମର **ନିହିମିୟା ବାଇବଲ କଲେଜଗୁଡ଼ିକ** ପାଇଁ ପ୍ରାୟ ୧୦୦୦ ହିନ୍ଦୀ ଖ୍ରୀଷ୍ଟିଆନ ପୁସ୍ତକ ଆବଶ୍ୟକ କରୁଅଛୁ । ଦୟାକରି ପାରମାର୍ଥିକ ହିନ୍ଦୀ ପୁସ୍ତକଗୁଡ଼ିକୁ ପ୍ରାପ୍ତ ହେବାର ସାମ୍ଭାବ୍ୟ ସ୍ଥାନ ବିଷୟରେ ଆମକୁ ସୂଚନା ଦିଅନ୍ତୁ ।

- Pr. S. Sam Selva Raj, Editor
+91-98412 71858

## ଲାଇବେରୀ ପୁସ୍ତକ ଆବଶ୍ୟକ

ଆମେ ତାମିଲ, ଇଂରାଜୀ ଓ ହିନ୍ଦୀ ପୁସ୍ତକ ସବୁ ଆମର **ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ଓ ନିହିମିୟା ବାଇବଲ କଲେଜଗୁଡ଼ିକର ଲାଇବ୍ରେରୀ ପାଇଁ ଆବଶ୍ୟକ କରୁଅଛୁ ।** ଯଦି ଆପଣଙ୍କ ନିକଟରେ ଉତ୍ତମ ଅବସ୍ଥାରେ ନୂଆ କିମ୍ବା ପୁରୁଣା ପୁସ୍ତକ ଅଛି ଓ ଯଦି ଆପଣ ଦାନ କରିବାକୁ ଇଚ୍ଛା କରୁଛନ୍ତି, ତେବେ ଦୟାକରି ଆମ ସହିତ ଯୋଗାଯୋଗ କରନ୍ତୁ ।

- Pr. S. Sam Selva Raj, Editor
+91-98412 71858

RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

## ଆହ୍ୱାନର ପ୍ରତିଧ୍ୱନି

**YouTube**

Please subscribe

ଦୟାକରି ଆପଣଙ୍କ ସମୟ ଅନୁସାରେ "ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

—ସଂପାଦକ —

## OUR BANK DETAILS:

### *1. Bank : State Bank of India*

| | | |
|---|---|---|
| Branch | : | **Triplicane, Chennai-5** |
| Name | : | **S. Sam Selva Raj** |
| A/C No. | : | **1023 2934 679** |
| IFSC | : | **SBIN 00 00 249** |
| SWIFT CODE | : | **SBI NIN BB 455** |

### *2. Bank : ICICI Bank*

| | | |
|---|---|---|
| Branch | : | **Anna Salai, Chennai-6** |
| Name | : | **Echo of His Call** |
| A/C No. | : | **6038 0502 2319** |
| IFSC | : | **ICIC 000 6038** |

### *3. Bank : State Bank of India*

**(This Account is for Tax Exemption for Indians only )**

| | | |
|---|---|---|
| Branch | : | **Triplicane, Chennai-5** |
| Name | : | **Echo of His Call Educational Trust** |
| A/C No. | : | **1023 2923 805** |
| IFSC | : | **SBIN 00 00 249** |

**Google Pay: 98410 71858**
**PayPal : SAM SELVA RAJ**

*****

**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ – ଟ. ୧୦୦/– ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ "ଆହ୍ୱାନର ପ୍ରତିଧ୍ୱନି" ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ "ଆହ୍ୱାନର ପ୍ରତିଧ୍ୱନି" ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ "ଆହ୍ୱାନର ପ୍ରତିଧ୍ୱନି" କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ-ମେଲ ଠିକଣା ଜଣାନ୍ତୁ ।

### ଆମର ଠିକଣା :

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA

PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in

Websites: www.echoofhiscall.org / www.stpaulsmatriculation.com

**YOU CAN SEND YOUR DONATION ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/24-26**
**Licence No. WPP. No. TN/PMG(CCR)/WPP-265/24-26**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 18th** JANUARY 2024.
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

*JESUS LOVES YOU!*

**To**

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers,** New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**